# ନିଷ୍ପତ୍ତି ବିରୋଧରେ ଅପିଲ କରିବା ଅଧିକାର

- ☞ ଗ୍ରାମସଭା ନିଷ୍ପତ୍ତି
- ☞ ଉପ-ଖଣ୍ଡସ୍ତରୀୟ କମିଟିର ନିଷ୍ପତ୍ତି
- ☞ ଜିଲ୍ଲାସ୍ତରୀୟ କମିଟିର ନିଷ୍ପତ୍ତି
- ☞ ରାଜ୍ୟସ୍ତରୀୟ କମିଟିର ନିଷ୍ପତ୍ତି

# ପଲ୍ଲୀସଭା ନିଷ୍ପତ୍ତି ବିରୋଧରେ ଅପିଲ କରିବା ବିଧି

- କୌଣସି ବ୍ୟକ୍ତି ପଲ୍ଲୀସଭାର ପ୍ରସ୍ତାବ ଦ୍ୱାରା କ୍ଷତିଗ୍ରସ୍ତ ହେଉଥାନ୍ତି ତେବେ ସେ ଲିଖିତ ଭାବେ ଉପଖଣ୍ଡ (ସବ୍‌ଡ଼ିଭିଜନ) ସ୍ତରୀୟ କମିଟି ନିକଟରେ ନିଜର ଅଭିଯୋଗ ୬୦ ଦିନ ମଧ୍ୟରେ ଦାଖଲ କରିପାରିବେ ।
- ଉପଖଣ୍ଡ ସ୍ତରୀୟ କମିଟି ଏଭଳି ଆବେଦନ ପତ୍ର ପାଇବା ପରେ ଉକ୍ତ ପଲ୍ଲୀସଭା ଓ ଅଭିଯୋଗକାରୀଙ୍କୁ ନେଇ ଏକ ବୈଠକ ଆୟୋଜନ କରିବେ । ବୈଠକର ତାରିଖ ଓ ସମୟ ଉଭୟ ପଲ୍ଲୀସଭା ଓ ଅଭିଯୋଗକାରୀଙ୍କୁ ଲିଖିତ ଭାବେ ୧୫ ଦିନ ପୂର୍ବରୁ ଜଣାଇବେ ।
- ଅବା ଉପଖଣ୍ଡସ୍ତରୀୟ କମିଟି ଉକ୍ତ ଅଭିଯୋଗକୁ ପୁନଃବିଚାର ନିମନ୍ତେ ପଲ୍ଲୀସଭା ନିକଟକୁ ପଠାଇ ଦେଇ ପାରନ୍ତି ।
- ଏପରିସ୍ଥଳେ ପଲ୍ଲୀସଭା ୩୦ ମଧ୍ୟରେ ଅଭିଯୋଗକୁ ପୁନଃବିଚାର କରି ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇବା ବିଧେୟ

# ନିଷ୍ପତ୍ତି ବିରୋଧରେ ଅପିଲ କରିବା ଅଧିକାର

- କୌଣସି ବ୍ୟକ୍ତି ଉପଖଣ୍ଡସ୍ତରୀୟ କମିଟିର ପ୍ରସ୍ତାବ ଦ୍ୱାରା କ୍ଷତିଗ୍ରସ୍ତ ହେଉଥାନ୍ତି ତେବେ ସେ ଲିଖିତ ଭାବେ ଜିଲ୍ଲାସ୍ତରୀୟ କମିଟି ନିକଟରେ ନିଜର ଅଭିଯୋଗ ୬୦ ଦିନ ମଧ୍ୟରେ ଦାଖଲ କରିପାରିବେ ।
- ଜିଲ୍ଲାସ୍ତରୀୟ କମିଟି ଏଭଳି ଆବେଦନ ପତ୍ର ପାଇବା ପରେ ଉକ୍ତ ଉପ-ଖଣ୍ଡସ୍ତରୀୟ କମିଟି ଓ ଅଭିଯୋଗକାରୀଙ୍କୁ ନେଇ ଏକ ବୈଠକ ଆୟୋଜନ କରିବେ । ବୈଠକର ତାରିଖ ଓ ସମୟ ଉଭୟ ପଲ୍ଲୀସଭା ଓ ଅଭିଯୋଗକାରୀଙ୍କୁ ଲିଖିତ ଭାବେ ୧୫ ଦିନ ପୂର୍ବରୁ ଜଣାଇବେ ।
- ଅବା ଜିଲ୍ଲାସ୍ତରୀୟ କମିଟି ଉକ୍ତ ଅଭିଯୋଗକୁ ପୁନଃବିଚାର ନିମନ୍ତେ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇ ଦେଇ ପାରନ୍ତି ।
- ଏପରିସ୍ଥଳେ ଉପଖଣ୍ଡସ୍ତରୀୟ କମିଟି ୩୦ ମଧ୍ୟରେ ଅଭିଯୋଗକୁ ପୁନଃବିଚାର କରି ଜିଲ୍ଲାସ୍ତରୀୟ କମିଟି ନିକଟକୁ ପଠାଇବା ବିଧେୟ